# ଅଧ୍ୟାୟ-୪
# ଯୋଜନା ପ୍ରସ୍ତୁତି

## ୪.୧ ଯୋଜନା ପ୍ରସ୍ତୁତି

୪.୧.୧ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍ (ଏନ୍.ଆର୍.ଇ.ଜି.ଏସ୍.)ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଯୋଜନା ପ୍ରସ୍ତୁତିର ଏକ ନିୟାମକ ଭୂମିକା ରହିଛି । ସଫଳତାର ଏକ ପ୍ରମୁଖ ମାନଦଣ୍ଡ ହେଉଛି, ୧୫ ଦିନ ମଧ୍ୟରେ ସମୟୋଚିତ କର୍ମନିଯୁକ୍ତି ଯୋଗାଣ ସହିତ କାର୍ଯ୍ୟଗୁଡିକର ଚୟନ ଓ ପ୍ରସ୍ତୁତି ଏପରି ହେବା ଉଚିତ୍ ଯେ ଉତ୍ତମ ଧରଣର ସମ୍ପଦରାଜି ନିଶ୍ଚିତ ରୂପେ ସୃଷ୍ଟି ହୋଇପାରୁଥିବ । ନିର୍ଦ୍ଦିଷ୍ଟ ସମୟ-ସୀମା ଭିତରେ କାର୍ଯ୍ୟକରିବାର ତାଗିଦ୍ ଥିବାରୁ ଅଗ୍ରୀମ ଯୋଜନା ପ୍ରସ୍ତୁତି କରିବାର ଆବଶ୍ୟକ ରହିଛି । ଯୋଜନା ପ୍ରଣୟନ ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହେଉଛି, ଚାହିଦା ମୁତାବକ ସମ୍ପଦସୃଷ୍ଟିକାରୀ କର୍ମନିଯୁକ୍ତି ଯୋଗାଇଦେବା ପାଇଁ ସଂପୃକ୍ତ ଜିଲ୍ଲା ବେଶ୍ ଆଗତୁରା ନିଜକୁ ପ୍ରସ୍ତୁତ ରଖିବ ।

## ୪.୨ ଉନ୍ନୟନ ଯୋଜନା

୪.୨.୧ ଆଇନ୍‌ର ଧାରା ୧୬(୪) ଆବଶ୍ୟକ କରେ ଯେ, ଯେଉଁ ବର୍ଷରେ ପ୍ରକଳ୍ପଗୁଡିକ ସଂପାଦିତ ହେବା କଥା, ତହିଁର ଆରମ୍ଭ ପୂର୍ବରୁ ସେଗୁଡିକର ଯାଞ୍ଚ ଏବଂ ପ୍ରାଥମିକ ଅନୁମୋଦନ ପାଇଁ ପ୍ରତି ଗ୍ରାମପଞ୍ଚାୟତ ଏକ ପ୍ରକଳ୍ପ ପୁଞ୍ଜ ଥାଇ ଗୋଟିଏ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବେ ତଥା ତାହାକୁ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ଅଗ୍ରୀମ ପଠାଇବେ ।

୪.୨.୨ ଉନ୍ନୟନ ଯୋଜନା ହେଉଛି ଏକ ବାର୍ଷିକ ଯୋଜନା, ଯେଉଁଥିରେ ପ୍ରଶାସନିକ ଏବଂ ବୈଷୟିକ ଅନୁମୋଦନ ଲାଭ କରିଥିବା ପ୍ରତି ଗ୍ରାମ ପାଇଁ ଗୋଟିଏ ପ୍ରକଳ୍ପ ପୁଞ୍ଜ ଥିବ, ଏବଂ ଏହା ଫଳରେ କାମ ପାଇଁ ଦାବୀ ଉଠିବା ମାତ୍ରେ କାମ ଆରମ୍ଭ କରାଯା ପାରୁଥିବ । ଯେହେତୁ ଗୋଟିଏ ଅନୁମୋଦିତ ପ୍ରକଳ୍ପ ପୁଞ୍ଜର ସଂପାଦନ ଗୋଟିଏ ଆର୍ଥିକ ବର୍ଷରୁ ପରବର୍ତ୍ତୀ ବର୍ଷକୁ ଲମ୍ବିଯାଇପାରେ ତେଣୁ ବାର୍ଷିକ ଯୋଜନା ଗୋଟିଏ ପ୍ରବହମାନ ଯୋଜନା ସଦୃଶ ପ୍ରସ୍ତୁତ ହୋଇଥିବ । ଗୋଟିଏ ଉନ୍ନୟନ ଯୋଜନା ଭିତରେ ନିମ୍ନୋକ୍ତ ବିଷୟ ମାନ ସ୍ଥାନ ପାଇଥିବ-

୧) କାମ ପାଇଁ ଚାହିଦାର ଏକ ଆକଳନ

୨) କାମ ପାଇଁ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ କାମଗୁଡିକର ଚିହ୍ନଟୀକରଣ

୩) କାର୍ଯ୍ୟସମୂହ ଏବଂ ମଜୁରିର ଅଟକଳ ମୂଲ୍ୟ

୪) କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ଏବଂ ଭୌତିକ ଉନ୍ନୟନ (ଯଥା ଜଳ ସଂରକ୍ଷଣ, ଜମିର ଉତ୍ପାଦନଶୀଳତାରେ ବୃଦ୍ଧି) ଦୃଷ୍ଟିରୁ ଆଶା କରାଯାଉଥିବା ସୁଫଳମାନ ।

## ୪.୩ ଉନ୍ନୟନ ଯୋଜନାର ପ୍ରସ୍ତୁତି-

ଗୋଟିଏ ଉନ୍ନୟନ ଯୋଜନାର ପ୍ରସ୍ତୁତି କଲାବେଳେ ନିମ୍ନୋକ୍ତ ମାର୍ଗଦର୍ଶୀ ନୀତିଗୁଡିକୁ ଅନୁସରଣ କରିବାକୁ ପଡିବ:

୧) ଗୋଟିଏ ଗ୍ରାମ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ପୁଞ୍ଜରେ ଯେଉଁସବୁ କାମକୁ ସ୍ଥାନିତ କରାଯାଇଛି, ତାହା ଅଟକଳିତ ଚାହିଦା ଠାରୁ ଯଥେଷ୍ଟ ଅଧିକ ହୋଇଥିବ ।

୨) ଯେଉଁସବୁ ଜମିରେ କାର୍ଯ୍ୟଗୁଡିକ ସଂପାଦିତ ହେବ, ପ୍ରତି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଜମିର ପ୍ଲଟ୍ ନମ୍ବର ସୂଚୀତ ହୋଇଥିବ, ଯାହା ଫଳରେ ପ୍ରତି କାର୍ଯ୍ୟକୁ ଏକ ଅନନ୍ୟ ସ୍ଥାନ କୋଡ୍ ନ୍ୟସ୍ତ କରାଯାଇ ପାରିବ ।

୩) କାର୍ଯ୍ୟଗୁଡିକରୁ ଯେଉଁସବୁ ସୁଫଳ ମିଳିବାର ଆଶା କରାଯାଏ, ସେହି ସୁଫଳଗୁଡିକ ଯୋଗୁଁ ବିଶେଷ କରି ନିମ୍ନୋକ୍ତ ଲାଭଗୁଡିକ କେତେଦୂର ହାସଲ ହୋଇ ପାରିବ, ତାହା ସୂଚୀତ ହିବା ଦରକାର-

ଏ) ସୃଷ୍ଟି ହେବାକୁ ଥିବା କର୍ମନିଯୁକ୍ତି, ଯାହାକୁ ଅଟକଳିତ କାର୍ଯ୍ୟଦିବସ ଆକାରରେ ପ୍ରକାଶ କରାଯାଇ ପାରେ ।

ବି) ଭୌତିକ ଉନ୍ନତି, ଯାହାକୁ ନିର୍ଦ୍ଦିଷ୍ଟ ମାପକ ଅନୁଯାୟୀ ହିସାବ କରାଯାଇ ପାରୁଥିବ ।

ସି) ଜନଗୋଷ୍ଠୀଙ୍କୁ ମିଳୁଥିବା ଉପକାର ।

୪) ବୈଷୟିକ ଅଟକଳ ସହିତ ଅନୁମୋଦିତ କାର୍ଯ୍ୟଗୁଡିକର ତାଲିକା ସରଳ ସ୍ଥାନୀୟ ଭାଷାରେ ଲେଖାଯାଇ ଗ୍ରାମ ପଞ୍ଚାୟତରେ ପ୍ରଦର୍ଶୀତ ହେବ ।

୫) ଗୋଟିଏ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ଆରମ୍ଭ ପୂର୍ବରୁ, ମଝିରେ ତଥା ସମାପ୍ତ ହେବା ପରେ ସଂପୃକ୍ତ କାର୍ଯ୍ୟର ସ୍ଥିତି ।

6) କାର୍ଯ୍ୟନିର୍ବାହୀ ସଂସ୍ଥା ଯେ ହୁଅନ୍ତୁ ନା କାହିଁକି, ଏକ ଅନନ୍ୟ ନମ୍ବର ଦ୍ୱାରା ଚିହ୍ନିତ ହୋଇଥିବା ପ୍ରତି କାର୍ଯ୍ୟ ସମ୍ବନ୍ଧରେ ସୂଚନା ଗ୍ରା.ପ.ରେ ରକ୍ଷଣାବେକ୍ଷଣ କରାଯାଉଥିବା କାର୍ଯ୍ୟ ରେଜିଷ୍ଟର୍‌ରେ ସ୍ଥାନିତ ହୋଇଥିବ, ଯାହା ଫଳରେ ଯାଞ୍ଚ କରାଯିବା ସହଜ ହେବା ସହିତ ଦୋହରାମିକୁ ଏଡାଇ ହେବ ।

## ୪.୪ ପଞ୍ଚାୟତିରାଜ ସଂସ୍ଥା ମାଧ୍ୟମରେ ଯୋଜନା ପ୍ରସ୍ତୁତି –

୪.୪.୧ ଏନ୍.ଆର୍.ଇ.ଜି.ଏ.ର ଧାରା ୧୩ ଅନୁଯାୟୀ ଜିଲ୍ଲା, ମଧ୍ୟବର୍ତ୍ତୀ ଏବଂ ଗ୍ରାମ ସ୍ତରରେ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାର ପ୍ରମୁଖ କର୍ତ୍ତୃପକ୍ଷ ହେଉଛନ୍ତି ସଂପୃକ୍ତ ପଞ୍ଚାୟତମାନେ । ଆଇନ୍‌ର ଧାରା ୧୬ରେ ଯୋଜନା ପ୍ରସ୍ତୁତିର ଯେଉଁ ପ୍ରକ୍ରିୟା ସ୍ଥାନିତ ହୋଇଛି, ସେଥିରେ ଆଇନ୍ ଅଧୀନରେ କେଉଁସବୁ କାର୍ଯ୍ୟମାନ ହାତକୁ ନିଆଯାଇ ପାରିବ ସେବିଷୟରେ ସୁପାରିଶ୍ କରିବାର କ୍ଷମତା ଗ୍ରାମସଭାକୁ ହିଁ ଦିଆଯାଇଛି ଏବଂ ଗ୍ରାମସଭାର ସୁପାରିଶ୍‌କୁ ଭିତ୍ତି କରି ଏକ ପ୍ରକଳ୍ପ ପୁଞ୍ଜକୁ ନେଇ ଗୋଟିଏ ଉନ୍ନୟନ ଯୋଜନାର ପ୍ରସ୍ତୁତି ପାଇଁ କ୍ଷମତା ଗ୍ରାମ ପଞ୍ଚାୟତକୁ ଦିଆଯାଇଛି । ଯେଉଁ ବର୍ଷରେ ଉକ୍ତ ଯୋଜନା ସଂପାଦିତ ହେବା କଥା, ତହିଁର ଆରମ୍ଭ ପୂର୍ବରୁ ସେଗୁଡିକର ଯାଞ୍ଚ ଏବଂ ପ୍ରାଥମିକ ଅନୁମୋଦନ ପାଇଁ ପ୍ରତି ଗ୍ରାମପଞ୍ଚାୟତ ଏକ ପ୍ରକଳ୍ପ ପୁଞ୍ଜ ଥାଇ ଗୋଟିଏ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବେ ତଥା ଅଗ୍ରାଧିକାରମାନ ସୂଚୀତ କରି ତାହାକୁ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ପଠାଇବେ । ବିଭିନ୍ନ ଗ୍ରାମପଞ୍ଚାୟତ ସହିତ ମଧ୍ୟବର୍ତ୍ତୀ ପଞ୍ଚାୟତର ପ୍ରସ୍ତାବସମୂହକୁ କାର୍ଯ୍ୟକ୍ରମ ଅଧିକାରୀ ସଂକଳିତ କରି ଗୋଟିଏ ବ୍ଲକ୍ ଯୋଜନା ପ୍ରସ୍ତୁତ କରିବେ ଏବଂ ଏହାପରେ ମଧ୍ୟବର୍ତ୍ତୀ ପଞ୍ଚାୟତର ଅନୁମୋଦନ ନେଇ ତାହାକୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟକୁ ପଠାଇବେ । ଡି.ପି.ସି. ବିଭିନ୍ନ ବ୍ଲକ୍ ଯୋଜନା ତଥା ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ ସମୂହକୁ ସଂକଳନ କରିବେ । ଏହାପରେ ଜିଲ୍ଲା ପଞ୍ଚାୟତ ବ୍ଲକ୍-ଓ୍ୱାରି ପ୍ରକଳ୍ପ ପୁଞ୍ଜଗୁଡିକୁ ଅନୁମୋଦନ କରିବେ ।

୪.୪.୨ ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନ ପ୍ରଦାନର ଯେଉଁ ଶୃଙ୍ଖଳା ଆଇନ୍‌ରେ ସୂଚୀତ ହୋଇଛି, ତାହା ପାଳନ କରିବାକୁ ହେଲେ ବିଭିନ୍ନ ସ୍ତର ଭିତରେ ସମନ୍ୱୟ ରକ୍ଷା ଜରୁରୀ; ଏହା ଘଟି ପାରିଲେ ହିଁ ଆଇନ୍‌ର ଭାବାର୍ଥ ଏବଂ ଉଦ୍ଦେଶ୍ୟ, ବିଶେଷ କରି ଅଗ୍ରାଧିକାର ପ୍ରାପ୍ତ କାର୍ଯ୍ୟଗୁଡିକର ସଂପାଦନ ଫଳବତୀ ହୋଇପାରିବ । ଏହା ତେଣୁ ଆଇନତଃ ଜରୁରୀ ଯେ, କୌଣସି ସ୍ତରରେ କର୍ମଯୋଜନାକୁ ଅନୁମୋଦନ ଦେବାରେ ବିଳମ୍ବ ଘଟିବ ନାହିଁ, ଏବଂ ପୁଣି ଏହା ସୁନିଶ୍ଚିତ କରିବା ଜରୁରୀ ଯେ, ଗ୍ରାମସଭା ଦେଇଥିବା ଅଗ୍ରାଧିକାରଗୁଡିକ ଯେପରି ହେଲେ ବଜାୟ ରହିବ । ପ୍ରକଳ୍ପ ପୁଞ୍ଜକୁ ଅନୁମୋଦନ ମିଳିନଥିଲେ କର୍ମନିଯୁକ୍ତି ପାଇଁ ଦାବୀକୁ ପୂରଣ କରିବା କ୍ଷେତ୍ରରେ ବିଳମ୍ବ ଦେଖାଯିବ । କର୍ମଯୋଜନାକୁ ଚୂଡାନ୍ତ କରିବାରେ ବିଳମ୍ବ ଘଟିଲେ ପ୍ରତି ବର୍ଷ ଡିସେମ୍ବର ସୁଦ୍ଧା ଶ୍ରମ ବଜେଟ୍‌ର ଚୂଡାନ୍ତୀକରଣ ମଧ୍ୟ ବିଳମ୍ବିତ ହେବ ଏବଂ ତାହା ଫଳରେ ପାଣ୍ଠି ରିଲିଜ୍ ମଧ୍ୟ ବାଧାଗ୍ରସ୍ତ ହେବ ।

୪.୪.୩ ପ୍ରତି ସ୍ତରରେ ଯଥା ସମୟରେ ଯାଞ୍ଚ ଏବଂ ଅନୁମୋଦନକୁ ସୁନିଶ୍ଚିତ କରିବାକୁ ପଡିବ ଯାହା ଫଳରେ କର୍ମନିଯୁକ୍ତିର ଚାହିଦାକୁ ପୂରଣ କରିବା ସକାଶେ ପ୍ରଶାସନିକ ଓ ବୈଷୟିକ ାନୁମୋଦନ ଲାଭ କରିଥିବା ଯଥେଷ୍ଟ ସଂଖ୍ୟକ କାର୍ଯ୍ୟ ଉପଲବ୍ଧ ରହିପାରିବ । ଏହା ସହିତ ଏକଥା ମଧ୍ୟ ସୁନିଶ୍ଚିତ କରିବା ଜରୁରୀ ଯେ, ଗ୍ରାମ ପଞ୍ଚାୟତ ଦ୍ୱାରା ଧାରା ୧୬(୪) ଅନୁଯାୟୀ ଅଭିପ୍ରେରିତ ହୋଇଥିବା ଉନ୍ନୟନ ପ୍ରକଳ୍ପସମୂହ ଅଧୀନରେ ସ୍ଥାନିତ ବିଭିନ୍ନ କାର୍ଯ୍ୟଗୁଡିକ ଭିତରେ ସୂଚୀତ ହୋଇଥିବା ଅଗ୍ରାଧିକାରର ଶୃଙ୍ଖଳାକୁ ପ୍ରତି ସ୍ତରରେ ଅନୁମୋଦନ ବେଳେ ବଜାୟ ରଖାଯିବ ।

୪.୪.୪ ଯେଉଁ ଆର୍ଥିକ ବର୍ଷରେ କାର୍ଯ୍ୟପୁଞ୍ଜ ସଂପାଦିତ ହେବା କଥା, ତା'ର ପୂର୍ବ ବର୍ଷର ଡିସେମ୍ବର ସୁଦ୍ଧା କାର୍ଯ୍ୟ ଗୁଡିକର ଚିହ୍ନଟ, ସେଗୁଡିକର ସଂକଳନ ତଥା ପ୍ରକଳ୍ପ ପୁଞ୍ଜଗୁଡିକର ଚୂଡାନ୍ତ ଅନୁମୋଦନର ପ୍ରକ୍ରିୟା ସମାପ୍ତ ହେବ ଏବଂ ଏହାକୁ ସୁନିଶ୍ଚିତ କରିବାର ସାମଗ୍ରୀକ ଦାୟିତ୍ୱ ହେଉଛି ଡି.ପି.ସି.ଙ୍କର । ଏହିଭଳି ଚୂଡାନ୍ତ ହୋଇଥିବା କାର୍ଯ୍ୟଗୁଡିକ ବୈଷୟିକ ଏବଂ ପ୍ରଶାସନିକ ଅନୁମୋଦନ ଲାଭ କରିବ ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ପୁଞ୍ଜର ମାନ୍ୟତା ପାଇବ ।

୪.୪.୫ କାର୍ଯ୍ୟଗୁଡିକୁ ଚିହ୍ନଟ ଓ ସୁପାରିଶ୍ କରିବା ପାଇଁ ପ୍ରତିବର୍ଷ ୨ ଅକ୍ଟୋବରରେ ଗ୍ରାମସଭା ଅନୁଷ୍ଠିତ ହେବ ବୋଲି ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ଅଧିକାରୀ ସୁନିଶ୍ଚିତ କରିବେ । କେଉଁ କାର୍ଯ୍ୟଗୁଡିକ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନ୍ୱୀତ ହେବ, ତାହା ଗ୍ରାମସଭାରେ ଗୃହୀତ ପ୍ରସ୍ତାବ ଭିତରେ ନିଶ୍ଚିତ ରୂପେ ସୂଚୀତ ହୋଇଥିବ । ପରବର୍ତ୍ତୀ ଆର୍ଥିକ ବର୍ଷରେ କାର୍ଯ୍ୟାନ୍ୱୀତ ହେବାକୁ ଥିବା କାର୍ଯ୍ୟସମୂହ ଏବଂ ସେଗୁଡିକର ଅଗ୍ରାଧିକାରକୁ ସୁପାରିଶ୍ କରି ଗ୍ରାମସଭା ଗ୍ରହଣ କରିଥିବା ପ୍ରସ୍ତାବକୁ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯିବ । ଗ୍ରାମପଞ୍ଚାୟତ ଗ୍ରାମସଭାର ସମସ୍ତ ସୁପାରିଶ୍‌ଗୁଡିକୁ ଅନୁମୋଦନ ତଥା ଏକତ୍ରୀକରଣ କରି ସଂପୃକ୍ତ ଗ୍ରାମ ଉଦ୍ଦେଶ୍ୟରେ ଏକ ପ୍ରକଳ୍ପ ପୁଞ୍ଜ ପ୍ରସ୍ତୁତ କରିବେ ତଥା ଗ୍ରାମସଭାର ସୁପାରିଶ୍‌ମାନ ପାଇବାର ୧୫ ଦିନ ଭିତରେ ଉକ୍ତ ପ୍ରକଳ୍ପ ପୁଞ୍ଜକୁ ମଧ୍ୟବର୍ତ୍ତୀ ପଞ୍ଚାୟତ ନିକଟକୁ ପ୍ରେରଣ କରିବେ- ଏହାକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ଉତ୍ତରଦାୟୀ ରହିବେ । ଗ୍ରାମ ପଞ୍ଚାୟତର ସମସ୍ତ ଉନ୍ନୟନ ଯୋଜନାଗୁଡିକ ଯେମିତି ହେଲେ ୧୫ ଅକ୍ଟୋବର ସୁଦ୍ଧା କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟରେ ନିଶ୍ଚିତ ରୂପେ ପହଞ୍ଚିବ ।

୪.୪.୫ ଗ୍ରାମପଞ୍ଚାୟତର ସମସ୍ତ ଯୋଜନାଗୁଡିକ ହସ୍ତଗତ ହେବାମାତ୍ରେ କାର୍ଯ୍ୟକ୍ରମ ଅଧିକାରୀ ଗ୍ରା.ପ.ର ଉନ୍ନୟନ ଯୋଜନାକୁ ବୈଷୟିକ କୁଶଳତା ଦୃଷ୍ଟିରୁ ଯାଞ୍ଚ କରିବେ । ଗ୍ରାମ ପଞ୍ଚାୟତଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବା କୌଣସି କାର୍ଯ୍ୟକୁ କାର୍ଯ୍ୟକ୍ରମ ଅଧିକାରୀ ଖାରଜ କରିବେ ନାହିଁ । ଯଦି ପ୍ରସ୍ତାବଟି ଆଇନ୍‌ର ବିଧିବ୍ୟବସ୍ଥା ସହିତ ସଂଗତିପୂର୍ଣ୍ଣ ହେଉନଥିବ ବା ବୈଷୟିକ ଦୃଷ୍ଟିରୁ ଅଗ୍ରହଣୀୟ ବୋଲି ମନେ ହୁଏ, ତେବେ କାର୍ଯ୍ୟକ୍ରମ ଅଧିକାରୀ ଏହାକୁ ଗ୍ରାମପଞ୍ଚାୟତ ନିକଟକୁ ଫେରସ୍ତ ଦେଇଦେବେ ଏବଂ ଏହା ବଦଳରେ ଏକ ବିଧିସମ୍ମତ ପ୍ରସ୍ତାବ ପଠାଇବାକୁ ପରାମର୍ଶ ଦେବେ । ସେ ସମସ୍ତ ଗ୍ରାମପଞ୍ଚାୟତର ପ୍ରସ୍ତାବଗୁଡିକୁ ଏକତ୍ରୀକରଣ କରି ଏକ ବ୍ଲକ୍ ଯୋଜନା ପ୍ରସ୍ତୁତ କରିବେ ତଥା ଏହାକୁ ମଧ୍ୟବର୍ତ୍ତୀ ପଞ୍ଚାୟତ ନିକଟରେ ଦାଖଲ କରିବେ । ଯାଞ୍ଚକରିବା, ଆବଶ୍ୟକ ପଡିଲେ ଗ୍ରା.ପ.ର ପୁନର୍ବିଚାର ପାଇଁ ପଠାଇବା, ଏକତ୍ରୀକରଣ କରିବା ତଥା ତାକୁ ମଧ୍ୟବର୍ତ୍ତୀ ପଞ୍ଚାୟତ ନିକଟରେ ଦାଖଲ କରିବା- କାର୍ଯ୍ୟକ୍ରମ ଅଧିକାରୀ ଏହି ସମଗ୍ର ପ୍ରକ୍ରିୟାଟିକୁ ୧୫ ନଭେମ୍ବର ସୁଦ୍ଧା ସଂପୂର୍ଣ୍ଣ କରିବେ ।

୪.୪.୬ ବିଭିନ୍ନ କାର୍ଯ୍ୟକୁ ଗ୍ରାମ ପଞ୍ଚାୟତ ଯେଉଁ ଅଗ୍ରାଧିକାର ଦେଇଥିବ, ତାକୁ ମଧ୍ୟବର୍ତ୍ତୀ ପଞ୍ଚାୟତ ମାନ୍ୟତା ଦେବ । କିନ୍ତୁ ଏହା ମଧ୍ୟ ସମ୍ଭବ ଯେ, କେତେକ କାର୍ଯ୍ୟକୁ ସଂପାଦନ କରିବାକୁ ପଡିବ ଅଥଚ ସେଗୁଡିକ ଏକାଧିକ ଗ୍ରାମ ପଞ୍ଚାୟତର

ସଂପୃକ୍ତି ଦରକାର । କେବଳ ଏହି ଶ୍ରେଣୀର କାର୍ଯ୍ୟଗୁଡିକୁ ମଧ୍ୟବର୍ତ୍ତୀ ପଞ୍ଚାୟତ ନୂଆ କରି ଭର୍ତ୍ତି କରିପାରେ । ମଧ୍ୟବର୍ତ୍ତୀ ପଞ୍ଚାୟତ ଏଭଳି କୋଣସି କାର୍ଯ୍ୟକୁ ଭର୍ତ୍ତି କରିବ ନାହିଁ ଯାହାର ପରିସର ଗୋଟିଏ ଗ୍ରା.ପ.ର ଇଲାକା ମଧ୍ୟରେ ସୀମିତ ।

କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍ ଯୋଜନାକୁ ଅନୁମୋଦନ କରିବାର ୧୫ଦିନ ମଧ୍ୟରେ ମଧ୍ୟବର୍ତ୍ତୀ ପଞ୍ଚାୟତ ଏହାକୁ ଅନୁମୋଦନ ପ୍ରଦାନ କରିବେ ଏବଂ କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍ ଯୋଜନାକୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ(ଡି.ପି.ସି.)ଙ୍କ ନିକଟରେ ୩୦ ନଭେମ୍ବର ସୁଦ୍ଧା ଦାଖଲ କରିବେ ।

୪.୪.୭ ସମ୍ଭାବ୍ୟ ଚାହିଦା ଦୃଷ୍ଟିରୁ ତଥା ବୈଷୟିକ ଓ ଆର୍ଥିକ କୁଶଳତା ଦୃଷ୍ଟିରୁ ବ୍ଲକ୍ ଯୋଜନାଗୁଡିକରେ ପ୍ରସ୍ତାବିତ କାର୍ଯ୍ୟଗୁଡିକ ଯଥାର୍ଥ ଏବଂ ପର୍ଯ୍ୟାପ୍ତ କି ନୁହେଁ, ତାହାକୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଯାଞ୍ଚ କରିବେ । ସେ ଅନ୍ୟାନ୍ୟ କାର୍ଯ୍ୟକାରକ ସଂସ୍ଥାମାନଙ୍କ ଠାରୁ ମଧ୍ୟ କାର୍ଯ୍ୟ-ପ୍ରସ୍ତାବମାନ ମଗାଇବେ ଏବଂ ସେଗୁଡିକୁ ଯାଞ୍ଚ କରିବେ । କିନ୍ତୁ ସେ ଏପରି ଯାଞ୍ଚ କଲାବେଳେ ଗ୍ରାମ ପଞ୍ଚାୟତର ଅଗ୍ରାଧିକାରଗୁଡିକୁ ତଥା ମଧ୍ୟବର୍ତ୍ତୀ ପଞ୍ଚାୟତମାନଙ୍କ ଦ୍ୱାରା ବ୍ଲକ୍ ଯୋଜନାରେ ଆନ୍ତଃ-ଗ୍ରାମ ପଞ୍ଚାୟତ କାର୍ଯ୍ୟଗୁଡିକ ଉପରେ ଯେଉଁ ଅଗ୍ରାଧିକାର ଦିଆଯାଇଛି, ସେସବୁକୁ ବଜାୟ ରଖିବେ ।

ସମସ୍ତ ବ୍ଲକ୍ ଯୋଜନାଗୁଡିକ ତାଙ୍କ ପାଖରେ ପହଞ୍ଚିବାର ଏକମାସ ଭିତରେ ସେଗୁଡିକୁ ଏକତ୍ରୀକରଣ କରିବା ପାଇଁ ଡି.ପି.ସି. ଉତ୍ତରଦାୟୀ ରହିବେ । ଡି.ପି.ସି. ମଧ୍ୟ ଜିଲ୍ଲା ଯୋଜନାକୁ ଭିତ୍ତି କରି ଶ୍ରମ ବଜେଟ୍ ପ୍ରସ୍ତୁତ କରିବେ, ଏବଂ ଏହି ଯୋଜନାରେ ସୂଚୀତ ହୋଇଥିବ ପରବର୍ତ୍ତୀ ଆର୍ଥିକ ବର୍ଷରେ ସ୍କିମ୍‌କୁ କାର୍ଯ୍ୟକାରୀ କରିବା ପାଇଁ କେତେ ପରିମାଣର ପାଣ୍ଠି ଆବଶ୍ୟକ ପଡିବ । ଡି.ପି.ସି. ବ୍ଲକ୍-ସ୍ତରୀୟ ପ୍ରକଳ୍ପ-ଗୁଚ୍ଛଗୁଡିକୁ ତଥା ସେଗୁଡିକ ଉପରେ ଆଧାରିତ ଶ୍ରମ ବଜେଟ୍‌କୁ ଜିଲ୍ଲା ପଞ୍ଚାୟତ ନିକଟରେ ୧୫ ଡିସେମ୍ବର ସୁଦ୍ଧା ଦାଖଲ କରିବେ । ଜିଲ୍ଲା ପଞ୍ଚାୟତ ବ୍ଲକ୍-ଓ୍ୱାରି ପ୍ରକଳ୍ପଗୁଚ୍ଛଗୁଡିକୁ ତଥା ଶ୍ରମ ବଜେଟ୍‌କୁ ୩୧ ଡିସେମ୍ବର ସୁଦ୍ଧା ଅନୁମୋଦନ ପ୍ରଦାନ କରିବେ ।

ଗୋଟିଏ ଜିଲ୍ଲା ଯୋଜନାରେ ବ୍ଲକ୍-ଓ୍ୱାରି ପ୍ରକଳ୍ପ ଗୁଚ୍ଛଗୁଡିକ ସ୍ଥାନିତ ହୋଇଥିବ । ପ୍ରତି ବ୍ଲକ୍-ସ୍ତରୀୟ ପ୍ରକଳ୍ପଗୁଚ୍ଛକୁ ଗ୍ରାମ ପଞ୍ଚାୟତ ଅନୁଯାୟୀ ସଜାଡି ରଖିବାକୁ ପଡିବ । ସମୁଦାୟ କାର୍ଯ୍ୟପରିମାଣର ଅନ୍ୟୁନ ଶତକଡା ୫୦ ଭାଗ କାର୍ଯ୍ୟ ଗ୍ରାମ ପଞ୍ଚାୟାତ ଦ୍ୱାରା ସଂପାଦିତ ହେବ ବୋଲି ରହିଥିବା ବୈଧାନିକ କଟକଣାକୁ ଦୃଷ୍ଟିରେ ରଖି ପ୍ରତି କାର୍ଯ୍ୟ ପାଇଁ ଗୋଟିଏ ଲେଖାଁ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ଚୟନ କରାଯିବ । ଗ୍ରାମ ପଞ୍ଚାୟତମାନଙ୍କୁ ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ ଶତକଡା ୫୦ ଭାଗ ଠାରୁ ଅଧିକ କାର୍ଯ୍ୟ ନ୍ୟସ୍ତ କରାଯାଇ ପାରେ ।

ବୈଷୟିକ ଅଟକଳ ଏବଂ ମଞ୍ଜୁରିସମୂହର ସବିଶେଷ ପ୍ରସ୍ତୁତି କାର୍ଯ୍ୟକୁ ସଂଯୋଜନା କରିବେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ । ପ୍ରତି ଅନୁମୋଦିତ କାର୍ଯ୍ୟର ପ୍ରକଳ୍ପ ବିବରଣୀ ସେହିସବୁ ବିଶଦ୍ ତଥ୍ୟାବଳୀକୁ ସ୍ଥାନିତ କରିଥିବ ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ବୈଷୟିକ/କାର୍ଯ୍ୟସଂପାଦନ ମାର୍ଗଦର୍ଶୀକାରେ ନିର୍ଦ୍ଦେଶିତ ହୋଇଥିବ । ପ୍ରତି ପ୍ରକଳ୍ପରୁ ଉପଲବ୍ଧ ହେବାକୁ ଥିବା ସମ୍ଭାବ୍ୟ ସୁଫଳଗୁଡିକୁ ମଧ୍ୟ ଏହା ସୁସ୍ପଷ୍ଟ ଭାବେ ସୂଚୀତ କରିଥିବ, ଯଥା କର୍ମଦିବସ ସୃଷ୍ଟି, ଭୌତିକ ସଂପଦସମୂହର ସବିଶେଷ ତଥ୍ୟାବଳୀ (ଯଥା, ରାସ୍ତାର ଦୈର୍ଘ୍ୟ, ପୁଷ୍କରିଣୀର ଆୟତନ ଇତ୍ୟାଦି) ଏବଂ ଦୀର୍ଘସ୍ଥାୟୀ ଫଳାଫଳ (ଯଥା, କେତେ ଅଞ୍ଚଳ ଜଳସେଚିତ ହେବ, ଏବଂ କେତେ ଗ୍ରାମସଂଯୋଗୀକୃତ ହେବ) ।

ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମଞ୍ଜୁରିପ୍ରାପ୍ତ ଯୋଜନା ବିଷୟରେ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଜଣାଇବେ । କାର୍ଯ୍ୟକ୍ରମ ଅଧିକାରୀ ବ୍ଲକ୍ ଯୋଜନାର ଏକ ନକଲକୁ ପୁଣି ପ୍ରସାର କରିବେ, ଏବଂ ଏହି ବ୍ଲକ୍ ଯୋଜନାରେ ସୂଚୀତ ହୋଇଥିବ ପ୍ରତି

ଗ୍ରାମପଞ୍ଚାୟତରେ ସମ୍ପାଦିତ ହେବାକୁ ଥିବା ପ୍ରକଳ୍ପଗୁଚ୍ଛ ତଥା ଏକାଧିକ ଗ୍ରାମପଞ୍ଚାୟତକୁ ଜଡିତ କରି ସମ୍ପାଦିତ ହେବାକୁ ଥିବା ଆନ୍ତଃ-ପ୍ରକଳ୍ପ ସମୂହ । ଏଥିରେ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମୋଟ୍ ବ୍ୟୟ, ସମୟସୀମା, ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ କାର୍ଯ୍ୟଦିବସ ସଂଖ୍ୟା, ସୃଷ୍ଟି ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥାଙ୍କ ନାମ ସୂଚୀତ ହୋଇଥିବ । ଯେଉଁସବୁ ଅଞ୍ଚଳରେ ସ୍ୱଳ୍ପ ମଜୁରି ହାର ଚାଲୁରହିଛି, ଏବଂ ଯେଉଁସବୁ ଅଞ୍ଚଳରେ ନ୍ୟୁନତମ ମଜୁରି ବଦଳରେ କାର୍ଯ୍ୟ ପାଇଁ ଚାହିଦା ଅଧିକ ଦେଖାଯିବାର ସମ୍ଭାବନା ରହିଛି, ସେହିସବୁ ଅଞ୍ଚଳଗୁଡିକ ଉପରେ ନିଶ୍ଚିତ ରୂପେ ଯୋଜନା ପ୍ରଣୟନ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବ । ପୂର୍ବ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ଏହି ପ୍ରକ୍ରିୟା ସଂପୂର୍ଣ୍ଣ ହେବା ଜରୁରୀ ।

୪.୪.୮ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଶ୍ରମ ବଜେଟ୍‌କୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ଏବଂ ଏହା ପରେ ରାଜ୍ୟ ସରକାର ନିଜର ସୁପାରିଶ୍ ସହିତ ୩୧ ଜାନୁଆରୀ ସୁଦ୍ଧା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟଙ୍କ ନିକଟକୁ ପଠାଇବେ, ଯାହା ଫଳରେ ଏନ୍.ଆର୍.ଇ.ଜି.ଏସ୍.ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଡୁଥିବା ପାଣ୍ଠିର କେନ୍ଦ୍ରୀୟ ଅଂଶକୁ ମନ୍ତ୍ରଣାଳୟ ନିର୍ଗମନ କରିବାରେ ତାହା ସହାୟକ ହୋଇପାରିବ ।

୪.୪.୯ ଯେଉଁ ବର୍ଷ ପାଇଁ ପ୍ରକଳ୍ପ ପୁଞ୍ଜ ଏବଂ ଶ୍ରମ ବଜେଟ୍ ପ୍ରସ୍ତୁତ କରାଯାଉଛି, ତା'ର ପୂର୍ବ ବର୍ଷର ୩୧ ଡିସେମ୍ବର ସୁଦ୍ଧା ସମଗ୍ର କସରତ୍ କରାଯାଇ ସାରିଥିବ ଏବଂ ମୁଣ୍ଡି ମରିଥିବ ।

୪.୪.୧୦ ଯଦି କୌଣସି ସ୍ତର ଉପରେ ସୂଚୀତ ହୋଇଥିବା ବିହିତ ସମୟସୀମା ମଧ୍ୟରେ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିବାରେ ବିଫଳ ହୁଏ, ତେବେ ଧରିନିଆଯିବ ଯେ, ସଂପୃକ୍ତ ଯୋଜନା ପ୍ରସ୍ତାବଟି ଅନୁମୋଦିତ ହୋଇସାରିଛି । ଯେଉଁସ୍ଥଳେ ଗ୍ରାମସଭାର ପ୍ରସ୍ତାବସମୂହକୁ ୧୫ ଅକ୍ଟୋବରର ସମୟ ସୀମା ଭିତରେ ଅନୁମୋଦନ ଦେବାରେ ଗ୍ରାମ ପଞ୍ଚାୟତ ବିଫଳ ହେବ, ସେପରି ସ୍ଥଳେ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମସଭାର ସୁପାରିଶ୍‌ଗୁଡିକର ନକଲକୁ ଆଧାର କରି କାର୍ଯ୍ୟକ୍ରମ ଅଧିକାରୀ ନିଜେ ହୃଦ୍‌ବୋଧ କରି ପାରନ୍ତି ଯେ, ସେହି ସୁପାରିଶ୍‌ଗୁଡିକ ଆଇନ୍‌ର ବ୍ୟବସ୍ଥାଗୁଡିକ ସହ ସଂଗତି ରକ୍ଷା କରି ନିର୍ଦ୍ଧାରିତ ହୋଇଛି ଏବଂ ଏହାପରେ ସେ ଗ୍ରା.ପ. ସ୍ତରୀୟ ଯୋଜନାଗୁଡିକୁ ଏକତ୍ରୀକରଣ କରି ବ୍ଲକ୍ ଯୋଜନାକୁ ରୂପ ଦେବାକୁ ପ୍ରୟାସ କରିବେ । କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ବ୍ଲକ୍ ଯୋଜନାକୁ ଯଦି ମଧ୍ୟବର୍ତ୍ତୀ ପଞ୍ଚାୟତ ୩୦ ନଭେମ୍ବର ସୁଦ୍ଧା ଅନୁମୋଦନ ନକରନ୍ତି ତେବେ ଧରିନିଆଯିବ ଯେ ଏହା ଅନୁମୋଦିତ ହୋଇସାରିଛି ଏବଂ ଏହା ପରେ ବ୍ଲକ୍ ଯୋଜନାକୁ କାର୍ଯ୍ୟକ୍ରମ ଅଧିକାରୀ ଡି.ପି.ସି.ଙ୍କ ନିକଟରେ ଦାଖଲ କରିବେ । ଯଦି ଜିଲ୍ଲା ପଞ୍ଚାୟତ ବ୍ଲକ୍-ଓ୍ୱାରି ପ୍ରକଳ୍ପ ପୁଞ୍ଜଗୁଡିକୁ ତଥା ଶ୍ରମ ବଜେଟ୍‌କୁ ୩୧ ଡିସେମ୍ବର ସୁଦ୍ଧା ଅନୁମୋଦନ ନକରନ୍ତି ତେବେ ଧରିନିଆଯିବ ଯେ, ତାହା ଅନୁମୋଦିତ ହୋଇସାରିଛି । ଏହା ପରେ ଡି.ପି.ସି. କାର୍ଯ୍ୟକ୍ରମ ଅଧିକାରୀ ତଥା ଗ୍ରାମ ପଞ୍ଚାୟତମାନଙ୍କୁ ଅନୁମୋଦିତ ପ୍ରକଳ୍ପ ପୁଞ୍ଜଗୁଡିକ ବିଷୟରେ ଅବଗତ କରିବା ପାଇଁ ପଦକ୍ଷେପ ନେବେ । ଡି.ପି.ସି. ଶ୍ରମ ବଜେଟ୍‌କୁ ରାଜ୍ୟ ସରକାରଙ୍କ ନିକଟକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରିବେ । ଉନ୍ନୟନ ଯୋଜନା ଜିଲ୍ଲାର ବାର୍ଷିକ ଶ୍ରମ ବଜେଟ୍‌ର ଭିତ୍ତି ରୂପେ କାର୍ଯ୍ୟ କରିବ ।

## ୪.୫ ଜିଲ୍ଲାସ୍ତରୀୟ ପରିଯୋଜନା

୪.୫.୧ ଅଗ୍ରାଧିକାର-ଭିତ୍ତିକ କାର୍ଯ୍ୟାବଳୀକୁ ଏକ ଦୀର୍ଘ-ମିଆଦି ବିକାଶ କୌଶଳର ଅଙ୍ଗୀଭୂତ କରିବାର ଆବଶ୍ୟକତା ଆଇନ୍‌ର ଅନୁସୂଚୀ-୧ରେ ପ୍ରତିଫଳିତ ହୋଇଛି; ଅନୁସୂଚୀ-୧ରେ କୁହାଯାଇଛି, "ଦୀର୍ଘସ୍ଥାୟୀ ସଂପଦସମୂହର ସୃଷ୍ଟି ଏବଂ ଗ୍ରାମୀଣ ଗରିବ ଜନତାଙ୍କ ଜୀବିକାର ସାଧନ ସ୍ରୋତର ସଶକ୍ତୀକରଣ ହେଉଛି ସ୍କିମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ" । ତେଣୁ ଏଠାରେ ପରାମର୍ଶ ଦିଆଯାଉଛି ଯେ, ଦାରିଦ୍ର୍ୟର ପ୍ରଚ୍ଛନ୍ନ କାରଣମାନ ତଥା ସେଗୁଡିକର ନିରାକରଣ ପାଇଁ

ଆବଶ୍ୟକୀୟ ପଦକ୍ଷେପଗୁଡିକର ଆକଳନ କରିବା ପାଇଁ ଜିଲ୍ଲାମାନେ ପରିଯୋଜନାମାନ ପ୍ରସ୍ତୁତ କରିବା ଦରକାର । ଜିଲ୍ଲା ସ୍ତରୀୟ ପରିଯୋଜନା (ଡି.ପି.ପି.)ର ଉଦ୍ଦେଶ୍ୟ ହେଉଛି, ଅଗ୍ରୀମ ଯୋଜନା ପ୍ରଣୟନରେ ସହାୟକ ହେବା ତଥା ସମଗ୍ର ଜିଲ୍ଲା ପାଇଁ ବିକାଶର ଏକ ପରିଦୃଷ୍ଟି ନକ୍ସା ଯୋଗାଇଦେବା । ଗୋଟିଏ ଜିଲ୍ଲାରେ କେଉଁ ପ୍ରକାରର ଏନ୍.ଆର୍.ଇ.ଜି.ଏସ୍. କାର୍ଯ୍ୟଗୁଡିକ ପ୍ରୋତ୍ସାହନ ପାଇବା ଦରକାର, ସେଗୁଡିକୁ ଚିହ୍ନଟ କରିବା ତଥା ଏହି ସମସ୍ତ କାର୍ଯ୍ୟସମୂହ ଏବଂ ଦୀର୍ଘମିଆଦି କର୍ମନିଯୁକ୍ତି ସୃଷ୍ଟି ଏବଂ ସୁସ୍ଥାୟୀ ବିକାଶ ଭିତରେ ଥିବା ସମ୍ଭାବ୍ୟ ସଂପର୍କକୁ ସୂଚୀତ କରିବା ହେଉଛି ଏହାର ଲକ୍ଷ୍ୟ ।

୪.୫.୨ ଗୋଟିଏ ୫ ବର୍ଷିଆ ଜିଲ୍ଲା ପରିଯୋଜନାର ନିର୍ଦ୍ଦିଷ୍ଟ ସୁଫଳ ରହିଛ, ଯଥା, ଯେଉଁସବୁ ବାର୍ଷିକ ଶ୍ରମ ବଜେଟ୍‌ଗୁଡିକୁ ଆଧାର କରି ଦୀର୍ଘ-ମିଆଦି ଯୋଜନା ପ୍ରଣୟନ ପାଇଁ ଆବଶ୍ୟକୀୟ ଢାଞ୍ଚା ମିଳିଯିବ, ସେଗୁଡିକର ପ୍ରସ୍ତୁତିରେ ଜିଲ୍ଲାସ୍ତରୀୟ ପରିଯୋଜନା ସହାୟକ ହୋଇପାରିବ; କିନ୍ତୁ ଏହି ପରିଯୋଜନା ଏମିତି ନମନୀୟ ହୋଇଥିବ, ଯାହା ଫଳରେ ଗୋଟିଏ ଅଞ୍ଚଳରେ ଦେଖାଯାଉଥିବା ନୂଆ ନୂଆ ଆବଶ୍ୟକତା, କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ଅଭିଜ୍ଞତା ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହେଉଥିବା ନୂଆ ନୂଆ କାର୍ଯ୍ୟ ସହିତ ତାଳ ଦେଇ ପାରୁଥିବ ।

୪.୫.୩ ସାଧାରଣତଃ ଗୋଟିଏ ଜିଲ୍ଲା ସ୍ତରୀୟ ପରିଯୋଜନାର ନିମ୍ନୋକ୍ତ ବୈଶିଷ୍ଟ୍ୟମାନ ରହିବ:

ଏ) ଗ୍ରାମ-ଭିତ୍ତିକ: ଗ୍ରାମ ହିଁ ଯୋଜନାର ଏକକ ହେବ ;

ବି) ସର୍ବାତ୍ମକ : ସାମାଜିକ-ଆର୍ଥିକ ଭିତ୍ତିଭୂମିର ଆବଶ୍ୟକତା ସହିତ ପ୍ରାକୃତିକ ସଂପଦସମୂହର ପରିଚଳନାର ସମସ୍ତ ଦିଗଗୁଡିକୁ ବ୍ୟାପ୍ତ କରି ପ୍ରୟାସ ଆରମ୍ଭ କରିବା, ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ବିକାଶ-ପ୍ରକ୍ରିୟାର ସମସ୍ତ ନକାରାତ୍ମକ ଦିଗଗୁଡିକ ଚିହ୍ନଟ ହୋଇ ପାରିବ;

ସି) ନିଦାନମୂଳକ: ଦାରିଦ୍ର୍ୟର କାରଣ-ଭିତ୍ତିକ ବିଶ୍ଳେଷଣ ଏଥିରେ ସ୍ଥାନିତ ହୋଇଥିବ । ଏହା ଅଭାବ ତଥା ପ୍ରୟୋଜନସମୂହକୁ ଚିହ୍ନଟ କରିପାରିବ ତଥା କି ଧରଣର ପଦକ୍ଷେପମାନ ଆବଶ୍ୟକ, ତାହା ମଧ୍ୟ ସୂଚେଇ ପାରିବ ;

ଡି) ଏନ୍.ଆର୍.ଇ.ଜି.ଏ. ଅଧୀନରେ ଅନ୍ତର୍ଭୁକ୍ତ ହେବା ପାଇଁ ଉପଯୁକ୍ତ କାର୍ଯ୍ୟଗୁଡିକୁ ଚୂଡାନ୍ତ କରିଥିବ;

ଇ) ଭିତ୍ତିରେଖାଗୁଡିକୁ ନିର୍ଣ୍ଣୟ କରିଥିବ;

ଏଫ୍) ଫଳ-ହାସଲ ଅଭିମୁଖୀ କାର୍ଯ୍ୟକୌଶଳ ସୂଚୀତ ହୋଇଥିବ;

ଜି) ଫଳାଫଳଗୁଡିକର ଆକଳନ ପଦ୍ଧତିକୁ ସୂଚୀତ କରିଥିବ ; ଏବଂ

ଏଚ୍) ଚଳନ୍ତି କାର୍ଯ୍ୟକ୍ରମସମୂହ ତଥା ଆର୍ଥିକ ସମ୍ବଳସମୂହକୁ ଚିହ୍ନଟ କରିବା ସହିତ କି ପ୍ରକାର ଅତିରିକ୍ତ ସମ୍ବଳସମୂହର ଆବଶ୍ୟକତା ରହିଛି, ତହିଁର ଆକଳନ କରିବା ।

୪.୫.୪ ଜିଲ୍ଲା ପରିଯୋଜନାରେ କାର୍ଯ୍ୟଗୁଡିକ କେବଳ କାର୍ଯ୍ୟ ଭଳି ବିବେଚିତ ନହୋଇ ପ୍ରକଳ୍ପ ଦୃଷ୍ଟିଭଙ୍ଗୀରୁ ବିବେଚିତ ହେବ ।

୪.୫.୪ ପରିଯୋଜନା ଓ ବାର୍ଷିକ ଉନ୍ନୟନ ଯୋଜନା ଭିତରେ ସଂପର୍କ – ଗୋଟିଏ ବର୍ଷ ଭିତରେ କେଉଁ କାର୍ଯ୍ୟଗୁଡିକ କାର୍ଯ୍ୟାନ୍ୱୀତ ହେବ ସେଗୁଡିକୁ ଚିହ୍ନଟ କରି ବାର୍ଷିକ ଉନ୍ନୟନ ଯୋଜନା ପ୍ରସ୍ତୁତ ହେବ । ଏ ପ୍ରକାର ଚିହ୍ନଟୀକରଣକୁ ସହଜ କରିବା ପାଇଁ ପରିଯୋଜନା ଏକ ଢାଞ୍ଚା ଯୋଗାଇବ । ଯଦି କୌଣସି ନୂଆ କାର୍ଯ୍ୟ ହାତକୁ ନେବାର ଆବଶ୍ୟକତା ଅନୁଭୂତ ହେବ, ତହିଁର ଯଥାର୍ଥତା ଆବଶ୍ୟକତା ଏବଂ ଫଳାଫଳ ଦୃଷ୍ଟିରୁ ସାବ୍ୟସ୍ତ ହୋଇପାରୁଥିବା ଦରକାର ।

୪.୫.୬ ପରିଯୋଜନା ପାଇଁ ବିସ୍ତାରିତ ମାର୍ଗଦର୍ଶୀକା ସ୍ୱତନ୍ତ୍ର ଭାବେ ଜାରି କରାଯାଇଛି ।